## ପିଲାମାନଙ୍କ ପାଇଁ ବାଇବଲ

ଉପହାର



# ସ୍ୱର୍ଗ ହେଉଛି ଈଶ୍ୱରଙ୍କର ସୁନ୍ଦର ଗୃହ

ଲେଖକ: Edward Hughes
ଦୃଷ୍ଟାନ୍ତ: Lazarus
ଉପଯୋଜକ: Sarah S.
ଅନୁବାଦକ: Prasanta Bhuyan
ପ୍ରୟୋଯୋକ: Bible for Children
www.M1914.org

BFC
PO Box 3
Winnipeg, MB R3C 2G1
Canada

©2013 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ
ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଯୀଶୁଖ୍ରୀଷ୍ଟ ଜଗତରେ ଜୀବିତ ଥିବା ସମୟରେ, ସେ ସ୍ୱର୍ଗୀୟ ବିଷୟରେ ଆପଣା ଶିଶ୍ୟମାନଙ୍କୁ କହିଲେ । ସେ କହନ୍ତି ଏହା ହେଉଛି ମୋର ପିତାଙ୍କ ଗୃହ ଆଉ ସେଠାରେ ଅନେକ ବାସ ସ୍ଥାନ ଅଛି । ଏହା ଏକ ଅତ୍ୟନ୍ତ ବଡ଼ ଓ ସୁନ୍ଦର ଗୃହ ଅଟେ ।

ସତ୍ୟରେ ଜାଗତିକ ବାସ ଗୃହ ଅପେକ୍ଷା ସ୍ୱର୍ଗ ହେଉଛି ଅତ୍ୟନ୍ତ ବଡ଼ ଓ ସୁନ୍ଦର ଅଟେ ।



ଯୀଶୁଖ୍ରୀଷ୍ଟ କହିଲେ, ତୁମ୍ଭମାନଙ୍କ ନିମନ୍ତେ ମୁଁ ସ୍ଥାନ ପ୍ରସ୍ତୁତ କରିବାକୁ ଯାଉଅଛି । ମୁଁ ଯାଇ ତୁମ୍ଭମାନଙ୍କ ନିମନ୍ତେ ସ୍ଥାନ ପ୍ରସ୍ତୁତ କରିବି ଓ ପୁନର୍ବାର ମୁଁ ଫେରି ତୁମ୍ଭମାନଙ୍କୁ ସେହି ବାସସ୍ଥାନକୁ ଘେନିଯିବି । ମୃତ୍ୟୁରୁ ଉଠିବା ପରେ ଯୀଶୁଖ୍ରୀଷ୍ଟ ସ୍ୱର୍ଗକୁ ଗଲେ । ଯୀଶୁଖ୍ରୀଷ୍ଟ ଆକାଶ ମାର୍ଗକୁ ଯିବା ସମୟରେ ଆକାଶରୁ ମେଘ ଆସି ଯୀଶୁଙ୍କୁ ଘୋଡ଼ାଇ ନେବାର ଶିଷ୍ୟମାନେ ଦେଖିଲେ ।



ତା ପରଠାରୁ ଖ୍ରୀଷ୍ଟିୟ ବିଶ୍ୱାସିମାନେ ଯୀଶୁଙ୍କର ଫେରିବା ଓ ସେମାନଙ୍କୁ ନେଇଯିବାର ପ୍ରତିଜ୍ଞାକୁ ସ୍ମରଣ କରୁଛନ୍ତି । ଯୀଶୁଖ୍ରୀଷ୍ଟ କହିଲେ ଯେ ମୁଁ ହଠାତ ଆଗମନ କରିବି, ଯେତେବେଳେ ତୁମ୍ଭେମାନେ ଅପେକ୍ଷାରେ ନଥିବ । ଯୀଶୁଖ୍ରୀଷ୍ଟଙ୍କ ଆଗମନ ପୂର୍ବରୁ ଯେଉଁ ଖ୍ରୀଷ୍ଟିୟ ବିଶ୍ୱାସିମାନେ ମୃତ୍ୟୁ ବରଣ କରନ୍ତି ସେମାନଙ୍କର କ'ଣ ହେବ, ଈଶ୍ୱରଙ୍କର ବାକ୍ୟ କହେ ସେମାନେ ସିଧା ଯୀଶୁଙ୍କ ନିକଟକୁ ଯିବେ । ଶରୀର ଅନୁପସ୍ଥିତ ର ଅର୍ଥ ହେଉଛି ଈଶ୍ୱରଙ୍କ ସହିତ ଉପସ୍ଥିତ ।



ପ୍ରକାଶିତ ବାକ୍ୟ, ବାଇବଲେର ଶେଷ ପୁସ୍ତକ, ସ୍ୱର୍ଗ କି ପ୍ରକାର ଅଟେ ତାହା ଆମ୍ଭମାନଙ୍କୁ ଜଣାଏ । ଅତି ଉତ୍ତମ ବିଷୟ ଏହା କି ସ୍ୱର୍ଗ ହେଉଛି ଈଶ୍ୱରଙ୍କ ଗୃହ । ଈଶ୍ୱରଙ୍କ ଉପସ୍ଥିତି ପ୍ରତ୍ୟେକ ସ୍ଥାନରେ ଅଛି, କିନ୍ତୁ ତାହାଙ୍କର ସିଂହାସନ ସ୍ୱର୍ଗରେ ଅଟେ ।



ଦୂତଗଣ ଏବଂ ଅନ୍ୟ ସ୍ୱର୍ଗୀୟ ଅସ୍ତିତ୍ୱ
ସ୍ୱର୍ଗରେ ପ୍ରଭୁଙ୍କର ଉପାସନା କରନ୍ତି ।
ଈଶ୍ୱରଙ୍କ ସମସ୍ତ ଲୋକ, ଯେଉଁମାନେ
ମୃତ୍ୟୁବରଣ କରିଛନ୍ତି ସେମାନେ ସ୍ୱର୍ଗକୁ
ଯାଇଅଛନ୍ତି । ସେମାନେ ଈଶ୍ୱରଙ୍କର
ପ୍ରସଂଶାର ଗୀତଗାନ କରନ୍ତି ।



ଏହି କିଛି ଶବ୍ଦମାନ ଅଛି ଯାହା ସେହି ଗୀତରୁ ନିଆଯାଇଅଛି: ତୁମ୍ଭେ ଯୋଗ୍ୟ ଅଟ କାରଣ ତୁମ୍ଭେ ହତ ହୋଇଥିଲ, ପୁଣି ଆପଣା ରକ୍ତ ଦ୍ୱାରା ସମସ୍ତ ଗୋଷ୍ଠି ଭାବବାଦି, ବଂଶ ଓ ଜାତୀ ମଧ୍ୟରୁ ଇଶ୍ୱରଙ୍କ ନିମନ୍ତେ ଲୋକମାନଙ୍କୁ କ୍ରୟ କରିଅଛ।

(ପ୍ରକାଶିତ ୫:୯)



ବାଇବଲ ର ଶେଷ ପୃଷ୍ଠାରେ ସ୍ୱର୍ଗକୁ ନୂତନ ଯିରୁଶାଲମ ଭାବେ ସମ୍ବୋଧନା କରଯାଇଛି । ଏହା ବୃହତ୍, ଓ ବହିର୍ଦେଶରେ ଏହାର ଉଚ୍ଚତମ ପ୍ରାଚ଼ିର ଅବସ୍ଥିତ । ତାହାର ଜ୍ୟୋତି ଅତି ବହୁମୂଲ୍ୟ ମଣି ସଦୃଷ୍ୟ, ସ୍ୱଚ୍ଛ ସୂର୍ଯକାନ୍ତ ପରି । ସେହି ପ୍ରାଚ଼ିରର ଭିତ୍ତିମୂଳ ସମସ୍ତ ପ୍ରକାର ବହୁମୂଲ୍ୟ ମଣିରେ ଭୁଷିତ ସେଠାରୁ ଅତି ସୁନ୍ଦର ଆଲୋକ ନିର୍ଗତ ହୁଏ । ପ୍ରତ୍ୟେକ ନଗର ର ଦ୍ୱାର ଗୁଡ଼ିକର ଭିତ୍ତିମୂଳ ହୀରକରେ ଭୂଷିତ । ପ୍ରତ୍ୟେକ ଦ୍ୱାର ଗୋଟିଏ ଗୋଟିଏ ବୃହତ୍ ମୁକ୍ତାରେ ନିର୍ମିତ ଅଟେ ।



ସେହି ମୁକ୍ତାର ଦ୍ୱାର କଦାପି ରୁଦ୍ଧ ହୋଇନାହିଁ । ଆସ ଆମ୍ଭେ ଭିତରକୁ ଯାଉଁ ଆଉ ସମସ୍ତ ଭିତରେ ଦେଖିବା ... କି ଆଶ୍ଚର୍ଯ ସ୍ୱର୍ଗ ଭିତର ପାର୍ଶ ଅତ୍ୟଧୀକ ସୁନ୍ଦର ଅଟେ, ନଗର ଶୁଦ୍ଧ ସୁବର୍ଣ୍ଣ ଦ୍ୱାରା ସ୍ୱଚ୍ଛ କାଚ ସଦୃଶ ନିର୍ମିତ ଅଟେ । ନଗରର ପଥ ମଧ୍ୟ ସୁବର୍ଣ୍ଣ ଦ୍ୱାରା ନିର୍ମିତ ଅଟେ ।



ଈଶ୍ୱରଙ୍କ ସିଂହାସନରୁ ଜୀବନ ଦାୟକ ସ୍ୱଚ୍ଛ ଜଳର ଗୋଟିଏ ନଦୀ ନିର୍ଗତ ହୁଏ । ନଦିର ଉଭୟ ପାର୍ଶରେ ଫଳଦାୟକ ଜୀବନ ବୃକ୍ଷ ଅଛି, ଯାହା ଏଦନ ଉଦ୍ୟାନରେ ପ୍ରଥମେ ଦେଖାଯାଇଥିଲା । ଏହି ବୃକ୍ଷ୍ୟ ଏକ ସ୍ୱତନ୍ତ୍ର ଅଟେ । ସେହି ଜୀବନ ଦାୟକ ବୃକ୍ଷ୍ୟ ଦ୍ୱାଦଶ ପ୍ରକାର ବିଭିନ୍ନ ରୂପକ ଫଳ ଫଳେ । ପ୍ରତ୍ୟେକ ମାସରେ ଭିନ୍ନ ପ୍ରକାର ଫଳ ଫଳେ । ସେହି ବୃକ୍ଷର ପତ୍ର ଜାତି ସମୁହର ଆରୋଗ୍ୟ କାରକ ଅଟେ ।



ସ୍ୱର୍ଗ ଆଲୋକ ନିମନ୍ତେ ଦିନରେ ସୂର୍ଯ୍ୟ କିମ୍ବା ରାତ୍ରିରେ
ଚନ୍ଦ୍ରର ଆବଶ୍ୟକତା ନାହିଁ । ଗୌରବ ଆଲୋକିତ କରେ ।
ସେହି ସ୍ଥାନରେ ରାତ୍ରି ନାହିଁ ।



ସ୍ୱର୍ଗରେ ଜୀବଜନ୍ତୁ ମଧ୍ୟ ଭିନ୍ନ ପ୍ରକାରର ଅଟନ୍ତି । ସେମାନେ ବନ୍ଧୁତ୍ୱ ଭାବରେ ଏକତ୍ର ମିଳିତ ହୋଇ ବାସ କରନ୍ତି । କେନ୍ଦୁଆବାଘ ମେଣ୍ଢାଛୁଆ ଏକତ୍ର ଚରିବେ । ସିଂହ ଗୋରୁପରି ନଡ଼ା ଖାଆନ୍ତି । ସଦାପ୍ରଭୁ ଏହା କହନ୍ତି, ସେମାନେ ଆମ୍ଭ ପବିତ୍ର ପର୍ବତରେ କୌଣସି ସ୍ଥାନରେ ହିଂସା କି ବିନାଶ କରିବେ ନାହିଁ ।



ଯେତେବେଳେ ଆମ୍ଭେ ସ୍ୱର୍ଗର
ଚ଼ତୁପାର୍ଶରେ ଦେଖୁ, ସ୍ୱର୍ଗ
ରାଜ୍ୟରୁ କିଛି ଉଣା
ପଢ଼ିବାର ଜାଣିପାରୁ ।
ତଥାପି ସେଠାରେ
କ୍ରୋଧର
ବାକ୍ୟଗୁଡ଼ିକ
ଶୁଣି ନାହୁଁ ।
ସେହି
ସ୍ଥାନରେ
କଳହ କିମ୍ବା
ସ୍ୱାର୍ଥପରତା
ନାହିଁ ।



ସେହି ସ୍ଥାନରେ ଦ୍ୱାର
ରୁଦ୍ଧ କରାଯାଏ ନାହିଁ, କାରଣ
ସ୍ୱର୍ଗରେ ଚୋରମାନେ ନାହାନ୍ତି ।
ସେଠାରେ ମାଥ୍ୟାବାଦୀ,
ନରହତ୍ୟାକାରୀ,
ତନ୍ତ୍ରକତା କିମ୍ବା
କୌଣସି ଦୁଷ୍ଟ
ଲୋକମାନେ
ନାହାଁନ୍ତି ।
ସ୍ୱର୍ଗରେ
କୌଣସି
ପ୍ରକାର ପାପ
ନାହିଁ ।

ସ୍ୱର୍ଗରେ ଈଶ୍ୱରଙ୍କ ସହିତ କୌଣସି ପ୍ରକାର କ୍ରନ୍ଦନ ନାହିଁ । ବେଳେ ବେଳେ ଈଶ୍ୱରଙ୍କର ଲୋକମାନେ ସେମାନଙ୍କ ଜୀବନର ଦୁଃଖ ସ୍ମରଣ କରି କ୍ରନ୍ଦନ କରନ୍ତି । ସ୍ୱର୍ଗରେ ଈଶ୍ୱର ସେ ସମସ୍ତଙ୍କ ଲୁହ ପୋଛିନେବେ ।



ସର୍ଗରେ କେବ ହେଁ ମୃତ୍ୟୁ ନୁହେଁ । ଈଶ୍ୱରଙ୍କର ଲୋକମାନେ ଈଶ୍ୱରଙ୍କ ସହିତ ଚିରକାଳ ବାସ କରିବେ । ସ୍ୱର୍ଗରେ କୌଣସି ପ୍ରକାରର ଦୁଃଖ, କ୍ରନ୍ଦନ, ଯନ୍ତ୍ରଣା, ପୀଡ଼ିତ, ବିଛିନ୍ନତା ଓ ଶବ ସତ୍କାର ନାହିଁ । ସ୍ୱର୍ଗରେ ପ୍ରତ୍ୟେକେ ଈଶ୍ୱରଙ୍କ ସହିତ ଚିରକାଳ ପର୍ଯ୍ୟନ୍ତ ଆନନ୍ଦରେ ବାସ କରନ୍ତି ।



ସବୁଠାରୁ ଉତ୍ତମ ହେଲା ସ୍ୱର୍ଗ ଦୁହେଁ ପୁଅ ଓ ଝିଅ ମାନଙ୍କ ନିମନ୍ତେ ଅଟେ,
ଯେଉଁମାନେ ଈଶ୍ୱରଙ୍କୁ ଆପଣାର ପରିତ୍ରାଣକର୍ତ୍ତା ରୂପେ ବିଶ୍ୱାସ
କରିଅଛନ୍ତି ଓ ତାଙ୍କୁ ନିଜ ପ୍ରଭୁ ରୂପେ ଆଜ୍ଞାକାରି ହୋଇଛନ୍ତି ।
ସ୍ୱର୍ଗରାଜ୍ୟ ସେମାନଙ୍କର ଅଟେ । ସର୍ଗରେ ଗୋଟିଏ ପୁସ୍ତକ
ଅଛି, ସେହି ପୁସ୍ତକର ନାମ ମେଷଶାବକଙ୍କ ଜୀବନ
ପୁସ୍ତକ କୁହାଯାଏ । ଏହା ଲୋକମାନଙ୍କର ନାମରେ
ପରିପୂର୍ଣ୍ଣ ଅଟେ। ତୁମେ ଜାଣ
କି, କେଉଁମାନଙ୍କର ନାମ
ଏହି ପୁସ୍ତକରେ ଲେଖା
ଯାଇଅଛି? ଯେଉଁମାନେ
ଈଶ୍ୱରଙ୍କ ଠାରେ ନିର୍ଭର
କରି ଅଛନ୍ତି ସେମାନଙ୍କର
ନାମ ଲେଖା ଯାଇଅଛି ।
ସେଠାରେ ତୁମ୍ଭର ନାମ ଅଛି କି?



ବାଇବଲ ର ଶେଷ ବାକ୍ୟ ସ୍ୱର୍ଗର ଗୋଟିଏ ସୁନ୍ଦର ଆମନ୍ତ୍ରଣ ବିଷୟ କହେ । ପୁଣି ଆତ୍ମା ଓ କନ୍ୟା କହେ, ଆସ, ଯେ ଶୁଣେ ସେ ଆସୁ, ଯେ ତୃଷିତ ଅଟେ ସେ ମୋ ପଖକୁ ଆସୁ । ଆଉ ଯେ କେହି ଅଭିଳାଷା କରେ ସେ ଜୀବନ୍ତ ଜଳ ମୁକ୍ତରେ ପାନ କରୁ ।



# ସ୍ୱର୍ଗ ହେଉଛି ଈଶ୍ୱରଙ୍କର ସୁନ୍ଦର ଗୃହ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଯୋହନ ୧୪; ୨ୟ କରନ୍ଥୀୟ ୫;
ପ୍ରକାଶୀତ ବାକ୍ୟ ୪, ୨୧, ୨୨

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି


60

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଈଶ୍ୱର ତୁମ୍ଭକୁ ଏତେ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଈଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଈଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଈଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ । ଯୋହନ ୩:୧୬